# NATIONAL NEWS BULLETIN (ODIA)

## 23 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ଆରମ୍ଭ ହେଲା ମତଦାନ ।
- ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଘଂନ ଯୋଗୁଁ ହର୍ମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ କରାଯିବ ନାହିଁ ବୋଲି ଇରାନ୍‌ର ସ୍ପଷ୍ଟୋକ୍ତି ।
- ବିଶ୍ୱ ବଜାରରେ ବୟନଶିଳ୍ପ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ଭାରତର ୩ଲକ୍ଷ ୧୬ହଜାର କୋଟି ଟଙ୍କାର ବାଣିଜ୍ୟିକ କାରବାର ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୪୦ ରନ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

## ଇଲେକ୍ସନ

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଏଇ କିଛିସମୟ ପୂର୍ବରୁ ଆରମ୍ଭ ହୋଇଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥି ନିର୍ବାଚନ ଲଢୁଛନ୍ତି । ୫ କୋଟି ୭୩ ଲକ୍ଷ ୪୩ ହଜାରରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ରାଜ୍ୟରେ ୭୫ ହଜାର ୬୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ୨୪୯ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର, ୩୪୫ଟି ମହିଳା ପରିଚାଳିତ କେନ୍ଦ୍ର, ୭୧ଟି ଦିବ୍ୟାଙ୍ଗ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ଏବଂ ୭୯ଟି ଯୁବ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ତାମିଲ୍‌ନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଆଜିର ମତଦାନ ଯେଭଳି ଶାନ୍ତିପୂର୍ଣ୍ଣ ତଥା ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ସେଥିଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତୀତ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡି କରାଯାଇଛି । ରାଜ୍ୟର ବିଭିନ୍ନ ବୁଥ୍‌ରେ ପ୍ରାୟ ୮୪ହଜାର ପୁଲିସ କର୍ମଚାରୀଙ୍କୁ ଏଥିଲାଗି ନିୟୋଜିତ କରାଯାଇଛି । ସେହିଭଳି କେନ୍ଦ୍ରୀୟ

ସଶକ୍ତ ପୁଲିସ ବାହିନୀର ଏବଂ ସିଆରପିଏଫ୍‌ର ଅତିରିକ୍ତ ୩୦୦ କମ୍ପାନୀକୁ ବିଭିନ୍ନ ଉତ୍ତେଜନାପ୍ରବଣ ବୁଥ୍ ସମେତ କୌଣସି ଅଘଟଣକୁ ଏଡାଇବା ସହିତ ଶାନ୍ତି ବଜାୟ ରଖିବା ଲାଗି ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟଲାଗି ଆଜି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯାଉଛି । ଏହି ଜିଲ୍ଲାଗୁଡ଼ିକ ହେଲା ଦାର୍ଜିଲିଂ, କାଲିମପଙ୍ଗ, ଜଲପାଇଗୁଡ଼ି, ଆଲିପୁର-ଦୁଆର, କୁଚବିହାର, ଉତ୍ତର ଓ ଦକ୍ଷିଣ ଦିନାଜପୁର, ମାଲ୍‌ଦା, ମୁର୍ସିଦାବାଦ, ବିର୍‌ଭୁମ, ପଶ୍ଚିମବର୍ଦ୍ଧମାନ, ପୁରୁଲିଆ, ବାଙ୍କୁଡା, ଝାଡଗ୍ରାମ ଏବଂ ପଶ୍ଚିମ ଓ ପୂର୍ବ ମେଦିନୀପୁର । ୧ ହଜାର ୪୭୮ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଲଢୁଛନ୍ତି । ସେଥିମଧ୍ୟରେ ୧୮୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ରାଜ୍ୟରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୩ ହଜାର ସହାୟକ ବୁଥ୍ ସମେତ ୪୪ ହଜାର ୩୦୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ । ସେଥିମଧ୍ୟରେ ୭ହଜାର ୩୮୪ଟି ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ୫ ହଜାର ୪୪୪ଟି ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବା ସହିତ ୨୦୭ଟି ମଡେଲ୍ ବୁଥ୍ ରହିଛି । ବାଲୁରଘାଟ ଏବଂ ଆସାନସୋଲ୍ ଦକ୍ଷିଣ

ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ଦିବ୍ୟାଙ୍ଗ ପରିଚାଳିତ ବୁଥ୍ ସ୍ଥାପନ କରାଯାଇଛି । ସମସ୍ତ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବା ସହ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ତ୍ୱରିତ ସହାୟତା ପ୍ରଦାନକାରୀ ଟିମ୍, ଫ୍ଲାଇଂ ସ୍କ୍ୱାର୍ଡ୍, ସି.ସି. କ୍ୟାମେରା ଆଦି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରାୟ ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଭୋଟର ଆଜି ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରୁଛନ୍ତି ।

ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ତଥା ସୁରୁଖୁରୁରେ ସମାପ୍ତ କରିବା ଲାଗି ନିର୍ବାଚନ ଆୟୋଗ ସେଠାରେ କେନ୍ଦ୍ରୀୟ ସଶକ୍ତ ପୁଲିସ ବାହିନୀର ୨ହଜାର ୪୦୭ କମ୍ପାନୀ ନିୟୋଜିତ କରିଛନ୍ତି ।

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

## ଇସିଆଇ-ଖଡଗେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ ଅପମାନ ସୂଚକ ମନ୍ତବ୍ୟ ଦେଇ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ନିର୍ବାଚନ ଆୟୋଗ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଏହାର ଉତ୍ତର ୨୪ଘଣ୍ଟା ମଧ୍ୟରେ ଦାଖଲ କରିବା ଲାଗି ଆୟୋଗ ଶ୍ରୀ ଖଡଗେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚେନ୍ନାଇଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବା

ଅବସରରେ ଶ୍ରୀ ଖଡଗେ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇଥିଲେ । ଏ ସମ୍ପର୍କରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଏବଂ ବିଜେପି ଅନ୍ୟ ନେତୃବୃନ୍ଦଙ୍କ ନିକଟରୁ ନିର୍ବାଚନ ଆୟୋଗ ଏହି ଅଭିଯୋଗ ପାଇବା ପରେ ଏଭଳି ପଦକ୍ଷେପ ନେଇଛନ୍ତି ।

## ଏଗ୍ରିକଲଚର କନ୍‌ଫରେନ୍ସ

ଉତ୍ତରାଞ୍ଚଳ ଆଞ୍ଚଳିକ କୃଷି ସମ୍ମିଳନୀ ଆସନ୍ତାକାଲି ଲକ୍ଷ୍ନୌରେ ଅନୁଷ୍ଠିତ ହେବ । ଗତକାଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ନୂଆଦିଲ୍ଲୀଠାରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଏକ ବିବୃତ୍ତି ଅନୁଯାୟୀ ଆସନ୍ତାକାଲିର ସମ୍ମିଳନୀ ହେଉଛି ଦେଶର ବିଭିନ୍ନ ଭାଗରେ ଅନୁଷ୍ଠିତ ହେବାକୁ ଥିବା ଏ ସମ୍ପର୍କିତ କ୍ଷେତ୍ରିୟ ବୈଠକ ଗୁଡ଼ିକର ଏକ ଅଂଶ । ଏତଦ୍‌ବ୍ୟତୀତ ଆସନ୍ତା ମାସ ୨୮ ଓ ୨୯ ତାରିଖରେ ନୂଆଦିଲ୍ଲୀରେ ଜାତୀୟ ଖରିଫ ସମ୍ମିଳନୀ ଅନୁଷ୍ଠିତ ହେବ । କୃଷକଙ୍କର କଲ୍ୟାଣ ତଥା ଉତ୍ପାଦନ ବୃଦ୍ଧି ଏବଂ କୃଷି କ୍ଷେତ୍ରରେ ଡିଜିଟାଲ ରୂପାନ୍ତରୀକରଣର କାର୍ଯ୍ୟକାରୀତା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ଜାତୀୟ ସମ୍ମିଳନୀରେ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ । ବିଶେଷକରି କୃଷି ଋଣ, କିଶାନ କ୍ରେଡିଟ୍ କାର୍ଡ, କୃଷି ଭିତ୍ତିଭୂମି ପାଣ୍ଠି, ଉଦ୍ୟାନ କୃଷି, ଡାଲି ଏବଂ ତୈଳବିଜ ମିଶନ, ଡିଜିଟାଲ କୃଷି, ସାର ପରିଚାଳନା ଏବଂ ବିପଣନ ସଂସ୍କାର ଆଦି ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଏହି ସମ୍ମିଳନୀରେ ସ୍ଥାନ

ପାଇବ । ଦେଶରେ କୃଷକ କୈନ୍ଦ୍ରିକ ଏବଂ ସମନ୍ୱିତ କୃଷି ବିକାଶକୁ ପ୍ରୋତ୍ସାହନ ଦେବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ କହିଛି ।

## ଇରାନ୍-ହର୍ମୁଜ୍

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଅସ୍ତ୍ରବିରତି ଉଲ୍ଲଙ୍ଘନ ଯୋଗୁଁ ହର୍ମୁଜ ପ୍ରଣାଳୀକୁ ଉନ୍ମୁକ୍ତ କରାଯିବ ନାହିଁ ବୋଲି ଇରାନ୍ କହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାନ୍ ପକ୍ଷରୁ କୁହାଯାଇଛି ଯେ ଇରାନ୍‌ର ବିଭିନ୍ନ ବନ୍ଦର ଗୁଡ଼ିକରେ ଆମେରିକା ପକ୍ଷରୁ ଇତିମଧ୍ୟରେ ଜାହାଜଗୁଡ଼ିକୁ ଅବରୋଧ କରାଯାଇଛି । ଏହାଦ୍ୱାରା ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି ବୋଲି ଇରାନ୍ କହିଛି । ତେବେ ଏ ସମ୍ପର୍କରେ ଆଲୋଚନା କରିବା ଲାଗି ଇରାନ୍ ସବୁବେଳେ ପ୍ରସ୍ତୁତ ବୋଲି ରାଷ୍ଟ୍ରପତି ମାସୁଦ ପେଜେକସିଆନ୍ କହିଛନ୍ତି । ପ୍ରତିଶ୍ରୁତିଭଙ୍ଗ, ବିଭିନ୍ନ ବନ୍ଦର ଗୁଡ଼ିକରେ ଜାହାଜଗୁଡ଼ିକୁ ଅବରୋଧ କରିବା ତଥା ଭୟ ଦେଖାଇବା ଆଦି ପ୍ରକ୍ରିୟା ଏହି ଶାନ୍ତି ଆଲୋଚନାର ମୁଖ୍ୟ ପ୍ରତିବନ୍ଧକ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ରାଜନାଥ-ଜର୍ମାନୀ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗତକାଲି ଜର୍ମାନ୍‌ର କିଲ୍‌ସ୍ଥିତ ଟି.କେ.ଏମ୍.ଏସ୍ ବୁଡାଜାହାଜ ନିର୍ମାଣ କେନ୍ଦ୍ର ପରିଦର୍ଶନ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି ତାଙ୍କ ଜର୍ମାନ୍ ପ୍ରତିପକ୍ଷ ବୋରିସ ପିଷ୍ଟୋରିୟସ ମଧ୍ୟ ତାଙ୍କ ସହିତ ଏହି କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହାଛଡା ଦୁଇଦେଶ ମଧ୍ୟରେ ସାମୁଦ୍ରିକ କ୍ଷେତ୍ରରେ ଆପୋଷ ସ୍ୱାର୍ଥଜଡିତ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ମାର୍ଗ ପ୍ରଶସ୍ତ ହୋଇଛି । ବୁଡ଼ାଜାହାଜ ନିର୍ମାଣ ଦିଗରେ ଜର୍ମାନ୍ ବ୍ୟବହାର କରୁଥିବା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିବା ନେଇ ପ୍ରତିରକ୍ଷାମନ୍ତ୍ରୀ ଡକ୍ଟର ସିଂହ ଏହି ପୋଷ୍ଟରେ ସୂଚନା ଦେଇଛନ୍ତି ।

# ଇଣ୍ଡିଆ-ଭିଏତ୍‌ନାମ ମିଟିଂ

ଭାରତ-ଭିଏତନାମ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଗତକାଲି ଦୁଇଦେଶ ମଧ୍ୟରେ ନୂଆଦିଲ୍ଲୀଠାରେ ଏକ ଫଳପ୍ରଦ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଭିଏତନାମର ଉପ ବୈଦେଶିକ ବ୍ୟାପାର ମନ୍ତ୍ରୀ ଗୁଏଁ ମାନ୍ କ୍ୱଙ୍ଗ ଗତକାଲି ବୈଦେଶିକ ମନ୍ତ୍ରଣାଳୟର ପୂର୍ବ ବ୍ୟାପାର ସଚିବ ପି. କୁମାରନ୍‌ଙ୍କ ସହିତ ଏହି ଆଲୋଚନା କରିଛନ୍ତି । ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରୀ ସମ୍ପର୍କରେ ମଧ୍ୟ ଏହି ଅବସରରେ ସମୀକ୍ଷା କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

# ଇଣ୍ଡିଆ ଟେକ୍ସଟାଇଲ ରିପୋର୍ଟ

ଭାରତର ବୟନଶିଳ୍ପ କ୍ଷେତ୍ର ହସ୍ତତନ୍ତ ସମେତ ବୟନଶିଳ୍ପ ସାମଗ୍ରୀର ରପ୍ତାନୀ ପରିମାଣ ଚଳିତ ଆର୍ଥିକ ବର୍ଷରେ ୩ଲକ୍ଷ ୧୬ହଜାର ୩୩୪କୋଟି ଟଙ୍କା ଅତିକ୍ରମ କରିଛି । ଯାହାକି ପୂର୍ବବର୍ଷ ତୁଳନାରେ ୨ ଦଶମିକ ୧ ପ୍ରତିଶତ ଅଧିକ । ଏ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ବିଶ୍ୱ ବଜାରରେ ଭାରତର ବୟନଶିଳ୍ପର ଚାହିଦା ବୃଦ୍ଧି ପାଇଛି ବୋଲି ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ଦିଲ୍ଲୀ ପିୟୁସି

ଏକ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ଦିଲ୍ଲୀରେ କୌଣସି ଯାନକୁ ଇନ୍ଧନ କେନ୍ଦ୍ର ଗୁଡ଼ିକରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି କିମ୍ବା ଏଲ୍‌ପିଜି ଦିଆଯିବ ନାହିଁ ବୋଲି ଦିଲ୍ଲୀ ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଜାତୀୟ ରାଜଧାନୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବିଶେଷକରି ଦିଲ୍ଲୀର ବାୟୁର ମାନକୁ ଅଧିକ ଉନ୍ନତ କରିବା ସହିତ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ଏଥିଲାଗି ଦିଲ୍ଲୀର ସମସ୍ତ

ପେଟ୍ରୋଲପମ୍ପ ଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶନାମା ଦିଆଯାଇଛି ବୋଲି ସେ କହିଛନ୍ତି ।

## ବଦ୍ରିନାଥ ଧାମ

ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଶ୍ରଦ୍ଧାଳୁଙ୍କ ଲାଗି ବଦ୍ରିନାଥ ଧାମ ପୋର୍ଟାଲ ଗୁଡ଼ିକ ଆଜି ସକାଳ ୬ଟା ୧୫ରୁ ଖୋଲାଯାଇଛି । ଶ୍ରଦ୍ଧାଳୁମାନେ ଯେଭଳି ସୁରକ୍ଷିତ ଭାବେ ତୀର୍ଥଯାତ୍ରା କରିପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସେହିଭଳି ଗତକାଲି ଶ୍ରଦ୍ଧାଳୁଙ୍କ ଲାଗି କେଦାରନାଥ ଧାମର ପୋର୍ଟାଲ ଗୁଡ଼ିକ ଖୋଲାଯାଇଥିବାବେଳେ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଧାମ ଲାଗି ତୀର୍ଥଯାତ୍ରା ସୁରୁଖୁରୁରେ ଚାଲିଥିବା ଜଣାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସକୁ ୪୦ ରନ୍‌ରେ ପରାସ୍ତ କରିଛି । ଗତ ସଂଧ୍ୟାରେ ଲକ୍ଷ୍ନୌର ଭାରତରନ୍ ଶ୍ରୀ ଅଟଲ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ

୧୫୯ରନ୍ କରିଥିଲା । ୧୬୦ ରନ୍ ବିଜୟଲକ୍ଷ୍ୟ ପିଛା କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ୧୮ ଓଭରରେ ୧୧୯ ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲା । ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଏହି ବିଜୟ ସହିତ ରାଜସ୍ଥାନ ରୟାଲ୍ସ ୭ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ କ୍ରମାଗତ ଚତୁର୍ଥ ପରାଜୟ ପରେ ନବମ ସ୍ଥାନରେ ଅଛି ।

ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନଇ ସୁପରକିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମଠାରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

## ଓମେନ୍ସ ଟି-୨୦

ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ମହିଳା ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା’ ଭାରତକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ୍ ହରାଇ ୧୯୨ ରନ୍ କରିଥିଲା । ୧୯୩ ରନ୍ ବିଜୟଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ମାତ୍ର ଗୋଟିଏ ଓ୍ୱିକେଟ୍ ହରାଇ ୧୬ ଓଭର ଓ ୩ଟି ବଲ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା ।

ଗତକାଲିର ପରାଜୟ ସହିତ ଭାରତ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୦-୩ରେ ପଛୁଆ ରହିଛି ।